### ବଙ୍ଗୀୟ ଶ୍ରମିକଙ୍କୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ କେବେ

ସମ୍ବଲପୁର, ୩।୧(ସମିସ)

ଗତ ଡିସେମ୍ବର ୨୪ ତାରିଖ ଦାନୀପାଲିରେ ଜଣେ ବଙ୍ଗାଳୀ ଶ୍ରମିକଙ୍କୁ କିଛି ଦୁର୍ବୃତ୍ତ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ଅଇଁଠାପାଲି ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଢାରଜା ରାମଗଡ଼ପଡ଼ାର ମନୋଜ ସଲେମା(୧୯), ହୀରାଲାଲ ସାହୁ(୩୫), ବୁଢାରଜା ପ୍ରଫେସର କଲୋନୀର ଭଜେନ୍ଦ୍ର ସୁନା(୨୬), ବୁଢାରଜା ଡେଲି ମାର୍କେଟର ବି ସତ୍ୟନାରାୟଣ ଓରଫ ରାଜା(୨୫), ଦାନୀପାଲି ସମୃଦ୍ଧିନଗର ସଞ୍ଜୟ ତାଣ୍ଡି(୩୦) ଓ ନରହରୀ ପାରେକ(୨୬)। ସୂଚନା ଅନୁସାରେ ଗତ ୨୪ ତାରିଖ ସନ୍ଧ୍ୟାରେ ପଶ୍ଚିମବଙ୍ଗର ଜୁଏଲ ଶେଖ ଓ ଦୁଇ ସହଯୋଗୀ ଅକୁର ରେହମାନ ଓ ସୋନୱର ହୁସେନ ରହୁଥିବା ଘର ସମ୍ମୁଖରେ ବିଡି ଟାଣୁଥିଲେ। ପ୍ରାୟ ସନ୍ଧ୍ୟା ୮ଟା ବେଳେ କିଛି ଦୁର୍ବୃତ୍ତ ଏମାନଙ୍କୁ ବିଡି ମାଗିଥିଲେ। ଏମାନେ ଦେବାକୁ ମନା କରିବାରୁ ଆଧାର କାର୍ଡ ମାଗିଥିଲେ। କାର୍ଡ ନ ଦେଖାଇବାରୁ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଏଥିରେ ଜୁଏଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

**କାହିଁକି ତଥ୍ୟ ଲୁଚାଉଛି ପୁଲିସ**

**ଗିରଫ ୬ ଅଭିଯୁକ୍ତ ବୁଢାରଜା ଅଞ୍ଚଳର**

**ସିଡିଆର ଯାଞ୍ଚ ଦାବି, କେବେ ହେବ ଟିଆଇ ପରେଡ**

ଏତେ ବଡ଼ ଘଟଣାକୁ ଅଇଁଠାପାଲି ପୁଲିସ ହାଲୁକା ଭାବେ ନେଉଥିବା ଚର୍ଚ୍ଚା ହେଉଛି।

ଘଟଣା ଘଟିବାର ୨୪ ଘଣ୍ଟା ଭିତରେ ଉପରୋକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମାମଲା ଚାପି ଦେଇଥିଲା। ହେଲେ ଗିରଫ ପରେ କୌଣସି ଅଭିଯୁକ୍ତଙ୍କ ନାମ ପ୍ରକାଶ କରିନଥିଲା। ଘଟଣାକୁ ଆଜି ୧୦ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ ନାମ ପ୍ରକାଶ ପାଇ ପାରୁନାହିଁ। କେଉଁ କାରଣରୁ ପୁଲିସ ଅଭିଯୁକ୍ତମାନଙ୍କ ନାମ ଲୁଚାଉଛି ତାହା ସନ୍ଦେହ ଘେରର ରହିଛି। ଗିରଫ ଅଭିଯକ୍ତଙ୍କ ଟିଆଇ ପରେଡ ହେବା ପରେ ନାମ କୁହାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଟିଆ ପରେଡ ହୋଇପାରିନାହିଁ। ସେପଟେ ମୃତ ଜୁଏଲଙ୍କ ଘର ଅଧୀନ ସୁତି ଥାନାରେ ଜିରୋ ଏଫଆଇର ମଧ୍ୟ ରୁଜୁ ହୋଇଛି। ପଶ୍ଚିମବଙ୍ଗର ପୁଲିସ ମଧ୍ୟ ସମ୍ବଲପୁର ଆସିଥିଲେ। ଏତେ ସାରା ଘଟଣା ଘଟିବା ପରେ ମଧ୍ୟ ସମ୍ବଲପୁର ପୁଲିସ କେଉଁ କାରଣରୁ ଅଭିଯୁକ୍ତଙ୍କ ନାମ ଗୋପନ ରଖିଛି ତାହା ସବୁଠି ପ୍ରଶ୍ନ ଉଠୁଛି। ବିଶ୍ୱସ୍ତସୂତ୍ରରୁ ଉପରୋକ୍ତ ଅଭିଯୁକ୍ତଙ୍କ ନାମ ପ୍ରକାଶ ପାଇଛି। ହେଲେ ଅଇଁଠାପାଲି ପୁଲିସ ଏବେ ଯାଏଁ ଅଭିଯୁକ୍ତ ତଥ୍ୟ ଦେଇ ପାରୁନାହିଁ। ସେପଟେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଟେର ପାଉନି ପୁଲିସ। ଘଟଣା ଦିନ ହୀରାଲାଲ ପାଖକୁ ମୁଖ୍ୟ ଅଭିଯୁକ୍ତ କଲ କରି ଏ ସମ୍ପର୍କରେ କଥା ହେଇଥିବା ବିଶ୍ୱସ୍ତସୂତ୍ରରୁ ଖବର ମିଳିଛି। ତେଣୁ ପୁଲିସ ସିଡିଆର ଯାଞ୍ଚ କରିବାକୁ ସାଧାରଣରେ ଦାବି ହୋଇଛି।

# ଭାରୀଯାନ ଚଳାଚଳ ନେଇ ଉତ୍ତେଜନା

**ସମ୍ବଲପୁର, ୩।୧(ସମିସ):** ସମ୍ବଲପୁର-ସୋନପୁର ୧୫ ନମ୍ବର ରାଜ୍ୟ ରାଜପଥ ଦେଇ ପ୍ରତ୍ୟେକ ଦିନ ଭାରୀଯାନ ଚଳାଚଳ ନେଇ ଉତ୍ତେଜନା ଦେଖିବାକୁ ମିଳିଛି। ଶନିବାର ଏକ ୮୦ ଚକ ବିଶିଷ୍ଟ ଭାରୀ ଯାନ ୨୩ ଫୁଟଉଚ୍ଚର ଏକ ଓଜନିଆ ଭର୍ତ୍ତି ବକ୍ସା ନେଇ ଆସୁଥିବାବେଳେ ସେଥିରେ ବାଜି ଏକ ଗଛ ଡାଳ ଏକ ଦୋକାନ ଉପରେ ପଡ଼ିଥିଲା। ଏଥିରେ ଜନସାଧାରଣ ଉତ୍ତେଜିତ ହୋଇ ଗାଡିକୁ ଅଟକାଇ ଦେଇଥିଲେ। ଯାହାଫଳରେ ସମ୍ବଲପୁର ସୋନପୁର ରାସ୍ତା ଦୀର୍ଘ ସମୟ ଧରି ଅବରୋଧ ହୋଇଥିଲା। ସେହିପରି ଏହି ଗାଡ଼ିକୁ ପାର କରିବା ପାଇଁ ଦୀର୍ଘ ସମୟ ଧରି ବିଦ୍ୟୁତ ଯୋଗାଣ ବନ୍ଦ କରିଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବାହ୍ନ ୧୧.୩୦ ରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟେ ଟ୍ରକ୍ ଏବଂ ଯାତ୍ରିବାହୀ ବସ୍ ଅଟକି ରହିଥିଲା। ଏସ୍‌ଡିପିଓ ତୋଫାନ ବାଗ, ଧମା ଥାନାଧିକାରୀ ସୁଦର୍ଶନ ପଣ୍ଡା, ଧନୁପାଲି ଥାନାଧିକାରୀ ଆଦିତ୍ୟ ମହାକୁର ପ୍ରମୁଖ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏମିତି ଭାରୀଯାନ ଏହିରାସ୍ତା ଦେଇ ଆସିବାକୁ ଦିଆ ନ ଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା।




# ଦୁଇଦିନ ହେବ ସମ୍ବଲପୁର ଲୋକ ମହୋତ୍ସବ ଆଲୋଚନାଚକ୍ର

**ସମ୍ବଲପୁର, ୩।୧(ସମିସ):** ସମ୍ବଲପୁର ଲୋକ ମହୋତ୍ସବ ୨୦୨୬ ଅବସରରେ ଆସନ୍ତା ଜାନୁଆରୀ ୦୫ ତାରିଖ ଓ ୦୬ ତାରିଖ ଦିନ ପିଏଚଡି ପଡ଼ିଆ ପରିସରରେ ଆଲୋଚନାଚକ୍ର ଆୟୋଜିତ ହେବ। ଆଲୋଚନାଚକ୍ରର ପ୍ରଥମ ଦିନ ପ୍ରଥମ ଅଧିବେଶନରେ 'ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟ, ଲୋକ ସଂସ୍କୃତି ଓ ଲୋକପର୍ବ' ଉପରେ ଆଲୋଚନା କରାଯିବ। ଦ୍ୱିତୀୟ ଅଧିବେଶନରେ 'ପଶ୍ଚିମ ଓଡ଼ିଶାର ଲୋକନାଟ୍ୟ ପରମ୍ପରା' ବିଷୟରେ ଆଲୋଚନାକରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଆଲୋଚନାଚକ୍ରର ଦ୍ୱିତୀୟ ତଥା ଲୋକ ମହୋତ୍ସବର ଅନ୍ତିମ ଦିନ ଆଲୋଚନାଚକ୍ରର ପ୍ରଥମ ସମ୍ମାନରେ 'ପଶ୍ଚିମ ଓଡ଼ିଶାର ଲୋକ କ୍ରୀଡ଼ା, ଲୋକ ଚିକିତ୍ସା ଓ ଲୋକ ଚିତ୍ରକଳା' ବିଷୟରେ ଆଲୋଚନା ଚକ୍ର ଓ ଦ୍ୱିତୀୟ ଅଧିବେଶନରେ ଲୋକ ସଂସ୍କୃତି ଆଧାରିତ କବିତା ପାଠୋତ୍ସବ ହେବ। ଆଲୋଚନାଚକ୍ରରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଲୋକ ସଂସ୍କୃତିବିତ୍ ମାନେ ଉପସ୍ଥିତ ରହି ଆଲୋଚନା କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ତେଣୁ ଏହି ଆଲୋଚନାଚକ୍ରରେ ବହୁ ସଂଖ୍ୟାରେ ସଂସ୍କୃତିପ୍ରେମୀ, ଗବେଷକ ତଥା କବି ଓ ଆଗ୍ରହୀ ଜନସାଧାରଣଙ୍କୁ ଯୋଗ ଦେବା ନିମନ୍ତେ ଆଲୋଚନାଚକ୍ର ଆବାହକ ପ୍ରଦୀପ କୁମାର ପଣ୍ଡା, ସହ ଆବାହକ ସୌମିକ ବାବୁ ଓ ଭବତୋଷ ବିଶି ଏବଂ ନୋଡାଲ ଅଫିସର ଅଭିଜିତ୍ ମହାନ୍ତି ଓ ରବୀନ୍ଦ୍ର ଦଳେଇ ଅନୁରୋଧ କରିଛନ୍ତି।




### ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

# ହୋଟେଲରେ ଜୁଆ ଖେଳ ବେଳେ ୧୦ ଅଟକ





**ସମ୍ବଲପୁର, ୩।୧(ସମିସ):** ସମ୍ବଲପୁରରେ ବଡ଼ ଧରଣରେ ରେଡ୍। ଏକ ହୋଟେଲରେ ଜୁଆଖେଳ ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ୮ ଲକ୍ଷରୁ ଅଧିକ ଟଙ୍କା ଜବତ କରିବା ୧୦ଜଣଙ୍କୁ ଅଟକ ରଖିଛି। ହୋଟେଲ ମ୍ୟାନେଜର ଫେରାର ଥିବା ଜଣାପଡ଼ିଛି। ଅଟକମାନେ ହେଉଛନ୍ତି, ଖେତରାପୁର ଥାନା ଚେରୁଆପଡ଼ାର ବିଜୟ କୁମାର ଗୁପ୍ତା(୬୫), ଧନୁପାଲି ମୋତିଝରଣର ଏମଡି ରାହିଶ(୪୯), ଟାଉନଥାନା ଗେଟି ଟକିଜ ରୋଡର ଗଜରାଜ ପଟେଲ(୬୦), ପେନସନପଡ଼ାର ସାୟଦ ଜାହିଦ(୪୯), ଅଇଁଠାପାଲି ଥାନା କାଇଁସର ରୋଡର ଅଭିଶେଖ ପ୍ରଧାନ(୪୮), ଜମନକିରା ଥାନା ସରଡାବାହାଲ ବରୁଣ ରାଉତ(୩୫), ବୁର୍ଲା ଥାନା କଳାମାଟିର ଶ୍ୱେତମ୍ବର ବେହେରା(୩୩), ଅରୁଣ କୁମାର ଦେବତା(୪୫) ଓ ସଞ୍ଜୀବ ବେହେରା(୩୬)। ଏ ସମସ୍ତେ ଜୁଆ ଆଡ୍ଡାରେ ରହିଥିଲେ। ଏହା ସହ ହୋଟେଲ ବୟ ପ୍ରସାନ୍ତ ସାହୁକୁ ମଧ୍ୟ ଅଟକ ରଖିଛି ପୁଲିସ। ହୋଟେଲର ମ୍ୟାନେଜର ସୁରେଶ ପଟେଲ ଫେରାର ରହିଛି।

ସୂଚନା ଅନୁସାରେ ଧନୁପାଲି ଥାନା ଅଧୀନ ହୋଟେଲ ଉପହାର ପ୍ୟାଲେସ୍‌ର ରୁମ ନମ୍ବର ୧୦୫ରେ ଜୁଆଖେଳ ହେଉଥିଲା। ପୁଷପୁନି ଅବସରରେ ଜୁଆଡ଼ିମାନେ ନିଜର ଆସର ମେଲାଇଥିଲେ। ପୁଲିସ ଖବରପାଇ ଅପରାହ୍ନ ୩ଟା ବେଳେ ହୋଟେଲକୁ ଯାଇଥିଲା। ଭିତରେ ଖେଳୁଥିବା ବ୍ୟକ୍ତି ମାନେ ଏହି ଖବର ପାଇବା ପରେ ଟଙ୍କା ଲୁଚାଇ ଦେଇଥିଲେ। ଏପରିକି ଲକ୍ଷାଧିକ ଟଙ୍କା ପାଇଖାନା ଫ୍ଲସରେ ଭର୍ତ୍ତି କରିଦେଇଥିଲେ। ପୁଲିସ ଆଲମାରିରୁ ଟଙ୍କା ପାଇଥିଲା। ଖୋଜା ଖୋଜି ପରେ ଫ୍ଲସରୁ ମଧ୍ୟ ଲକ୍ଷାଧିକ ଟଙ୍କା ପାଇଥିଲା। ମୋଟ ୮ ଲକ୍ଷ ୧୪ଶହ ଟଙ୍କା ଜବତ ହୋଇଥିବା ନେଇ ପୁଲିସ କହିଛି। ୧୧ଟି ମୋବାଇଲ, ୨ଟି ଗାଡ଼ି ଜବତ କରିଛି। ଜୁଆଖେଳରେ ହୋଟେଲ ମାଲିକଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ହୋଟେଲ ମାଲିକ କହିଛନ୍ତି ମୁଁ ଏ ବିଷୟରେ ଜାଣି ନାହିଁ।

# ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ

**ସମ୍ବଲପୁର, ୩।୧(ସମିସ):** ଆଜି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ବଲପୁର ଡିଭିଜନ କମିଟି ପକ୍ଷରୁ ଝୁଝୁମୁରା ଠାରେ ବିଶିଷ୍ଟ ଶ୍ରମିକନେତା ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରତିଷ୍ଠାତା ବିଶ୍ୱନାଥ ପଣ୍ଡିତଙ୍କ ୧୦୭ ତମ ଜୟନ୍ତୀ ପାଳିତ ହୋଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଡିଭିଜନ ସମ୍ପାଦକ ତଥା ରାଜ୍ୟ ଉପସଭାପତି ଗୋକୁଳ ମେହେରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପତ୍ର ରେଞ୍ଜ ଅଧିକାରୀ ସଞ୍ଜୟ ପ୍ରଧାନ, ସମାଜସେବୀ ରବିନ ରଞ୍ଜିତ, ଟଙ୍କଧର ପ୍ରଧାନ, ଅନାଦି ମିର୍ଦ୍ଧା, ଦିଲେଶ୍ୱର୍ ପ୍ରଧାନ, ସୁମନ ପ୍ରଧାନ, ପ୍ରମୋଦ ବିଶ୍ୱାଳ ପ୍ରମୁଖ ପଣ୍ଡିତଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେଲସନ ବାର୍ଲା, ଜଷ୍ଟିନ ଗୁଡ଼ିଆ, ଜୀବାକା ଡାଙ୍ଗ, ସେଲଫା ଡାଙ୍ଗ, କୁନ୍ତୀ ହର ଓ କୁମୁଦିନୀ ହର ପ୍ରମୁଖ ପଣ୍ଡିତଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।




# ଅସହଯୋଗ ଆନ୍ଦୋଳନରେ ଛାତ୍ରଙ୍କ ଶ୍ରେଣୀବର୍ଜନର ୧୦୪ ତମ ବର୍ଷପୂର୍ତ୍ତି

**ସମ୍ବଲପୁର, ୩।୧(ସମିସ):** ଐତିହାସିକ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ମନମୋହନ ପଟ୍ଟନାୟକ ଅଡିଟୋରିୟମ ରେ ସେତୁ, ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ସମ୍ବଲପୁର ଏବଂ ପୂରାତନ ଛାତ୍ର ସଂଘ ସହଯୋଗରେ ଅସହଯୋଗ ଆନ୍ଦୋଳନରେ ସମ୍ବଲପୁର ଜିଲ୍ଲା ସ୍କୁଲ୍ ଛାତ୍ରଙ୍କ ଶ୍ରେଣୀ ବର୍ଜନର ୧୦୪ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ, ସମ୍ମାନିତ ଅତିଥି ସେତୁ ସମ୍ବଲପୁରର ସଭାପତି ଡ. ମୀନକେତନ ପାଠୀ ଏବଂ ମୁଖ୍ୟବକ୍ତା ଭାବେ ଐତିହାସିକ ତଥା ଗବେଷକ ଡ. ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର ଯୋଗ ଦେଇଥିଲେ। ସେତୁର ସମ୍ପାଦକ ହରିନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ସର୍ବ ପ୍ରଥମେ ଗୁରୁ ତ୍ରିଲୋଚନ ତ୍ରିପାଠୀଙ୍କ ଦ୍ୱାରା ରାମ ଧୁନ୍ ଗାନ କରାଯଇଥିଲା। ସଭାପତି ଲୋକିତା ଦାଶ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଅସହଯୋଗ ଆନ୍ଦୋଳନରେ ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲ୍‌ର ମହାନ ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ। ପ୍ରଫେସର ମୀନକେତନ ପାଠୀ ଉକ୍ତ ଦିବସର ଏତିହାସିକ ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ଏବଂ ଏହି ଦିବସକୁ ସମସ୍ତ ବିଦ୍ୟାଳୟରେ ପାଳନ କରିବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟ ବକ୍ତା ଡ. ମିଶ୍ର ଅସହଯୋଗ ପରି ଜାତୀୟ ଆନ୍ଦୋଳନରେ ସମ୍ବଲପୁରର ଛାତ୍ର ଏବଂ ଜନସାଧାରଣଙ୍କର ଅବଦାନ ଏବଂ ଦେଶର ସ୍ୱାଧୀନତା ପ୍ରାପ୍ତି ପାଇଁ ବଳିଦାନ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଉଜାଗର ପ୍ରଧାନ ବର୍ତ୍ତମାନର ଜିଲ୍ଲାସ୍କୁଲ୍‌ର ଛାତ୍ରଛାତ୍ରୀ ମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ଛାତ୍ର ମାନଙ୍କ ଅବଦାନ ବିଷୟରେ ଅବଗତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।


















# ସମ୍ବଲପୁରକୁ ଆସି ପାର୍କିଂ ପାଇଁ ହନ୍ତସନ୍ତ ପର୍ଯ୍ୟଟକ

ସମ୍ବଲପୁର, ୩।୧(ସମିସ)

ସମ୍ବଲପୁର ଏକ ଐତିହ୍ୟ ସମ୍ପନ୍ନ ସହର। କଳାକୃତି ପାଇଁ ବେଶ ପରିଚିତ। ବିଭିନ୍ନ ପର୍ଯ୍ୟଟନସ୍ଥଳୀ ରହିଥିବାରୁ ବାରମାସ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ଖାସ୍‌କରି ଡିସେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ଅଧିକାଂଶ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ହେଲେ ସମ୍ବଲପୁର ସହରରେ ପର୍ଯ୍ୟଟକ ଆସି ଫଶି ଯାଉଛନ୍ତି। ସହରରେ ଅବ୍ୟବସ୍ଥିତ ପାର୍କିଂ ଓ ଟ୍ରାଫିକ ପରିଚାଳନାରେ ଯନ୍ତ୍ରଣା ଭୋଗୁଛନ୍ତି। ମନ ଇଚ୍ଛା ପାର୍କିଂ ସମସ୍ୟା ଯୋଗୁଁ ରାସ୍ତାରେ ଜାମ ଲାଗୁଛି। କିନ୍ତୁ ପ୍ରଶାସନିକ ଅବ୍ୟବସ୍ଥା ପାଇଁ ଏହି ସହର ଏବେ ବେଆଇନ୍ ପାର୍କିଂ ଯାର୍ଡର ସହର ଭାବେ ପରିଚିତ ହେବାକୁ ଲାଗିଲାଣି। ଯିଏ ଯେଉଠି ପାରିଲା ଗାଡ଼ି ପାର୍କିଂ କରି ଦେଉଛନ୍ତି। ଏଥିପାଇଁ ସହରର ସବୁ ରାସ୍ତା ସଙ୍କୁଚିତ ହୋବାରେ ଲାଗିଲାଣି। ଫଳରେ ସବୁ ବେଳେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏଥିରେ ସାଧାରଣ ଜନତା ବହୁ ହାଇରାଣ ହେଉଥିବା ବେଳେ ଅନେକ ସମୟରେ ଜରୁରୀକାଳିନ ଯାନବାହାନ ବି ଯିବାଆସିବା କରିବାରେ ଅସୁବିଧା ହେଉଥିବା ଜଣାପଡ଼ିଛି। ତେବେ ସହରରେ ପାର୍କିଂ ପାଇଁ ବ୍ୟବସ୍ଥା ନଥିବାରୁ ଏପରି ଅବସ୍ଥା ହେଉଛି। ପାର୍କିଂ ସମସ୍ୟା ଦୂର କରିବାକୁ ସହରରେ ପ୍ରଶାସନ ପକ୍ଷରୁ କିଛି ଯୋଜନା ହାତକୁ ନିଆଯାଇଥିଲା। ଏହି ପ୍ରସ୍ତାବ ଗୁଡ଼ିକ ଏବେ ଶୀଳଳ ଭଣ୍ଡାରେ ପଡ଼ିଥିବା ଅଭିଯୋଗ ହେଉଛି। ସମ୍ବଲପୁର ସହରରେ ସବୁ ରାସ୍ତା ଏବେ ସଂକୁଚିତ ହେବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ବେଆଇନ ପାର୍କିଂ। ସହରର ବଡ଼ ବଡ଼ ଦେକାନ ସବୁ ରହିଥିବା ବେଳେ ଦିନ ତମାମ୍ ଏଠାରେ ଭିଡ଼ ରହିଥାଏ। ଏଠାକୁ ଆସୁଥିବା ଲୋକଙ୍କ ପାଇଁ ଗାଡ଼ି ପାର୍କିଂ ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ଲୋକ ରାସ୍ତା କଡ଼ରେ ଗାଡ଼ି ଥୋଇଦେଉଛନ୍ତି। ଏଥିପାଇଁ ଓସାରିଆ ରାସ୍ତା ଏବେ ସଂଙ୍କୁଚିତ ହୋଇ ଗଲାଣି। ଏଥିପାଇଁ ହିଁ ଅନେକ ସମୟରେ ସହରରେ ରାସ୍ତା ଜାମ୍ ପରିସ୍ଥିତି ଉପୁଜୁଛି। ଜାମ ଯୋଗୁଁ ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଫସି ରହୁଥିବା ଦେଖିବାକୁ ମିଳିଛି। ସହରର ସବୁଠାରୁ ବ୍ୟସ୍ତବହୁଳ ବଜାର ଗୋଲ ବଜାର ହୋଇଥିବା ବେଳେ ଏହି ପାଖରେ ପାର୍କିଂ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ବାଧ୍ୟ ହୋଇ ଲୋକ ଓଭର ବ୍ରିଜ ତଳ ଗାଡ଼ି ରଖୁଛନ୍ତି। ତେବେ ଏଠାରେ କେବଳ ଦୁଇ ଚକିଆ ଯାନ ପାଇଁ ଅନୁମତି ଥିଲେ ସୁଦ୍ଧା ବାରମ୍ବାର ୪ ଚିକିଆ ଯାନ ରଖି ଦେଉଛନ୍ତି। ତେଣୁ ରାସ୍ତା ପୁରାପୁରି ସଂଙ୍କୁଚିତ ହୋଇଯାଉଛି। କେବଳ ସେତିକି ନୁହେଁ ବରଂ ସହରର ଗଳିକନ୍ଦିରେ ମଧ୍ୟ ଲୋକ ନିଜ ଜାଗାରେ ଗାଡ଼ିକୁ ପାର୍କିଂ ନକରି ରାସ୍ତାରେ ରଖି ଦେଉଛନ୍ତି। ଫଳରେ ଅନ୍ୟ ଗାଡ଼ି ଯିବା ପାଇଁ ବହୁ ଅସୁବିଧା ହେଥିବା ଲୋକ ଅଭିଯୋଗ କରୁଛନ୍ତି।

ସହରରେ ଏହି ସମସ୍ୟାକୁ ଦୂର କରିବା ପାଇଁ ପ୍ରଶାସନ ପକ୍ଷରୁ ଧୋବି ଜୋର୍‌ର ଟଙ୍ଗନା ନାଳାରେ ଏକ ପ୍ରକଳ୍ପ ପାଇଁ ଯୋଜନା କରାଯାଇଥିଲା। ନାଳାର ଉପରେ ଉଭୟ ପାର୍ଶ୍ୱରେ ଛାତ ପକାଯାଇ ଥାନ୍ତା। ଗୋଲ ବଜାରକୁ ଆସୁଥିବା ଶହ ଶହ ଗାଡ଼ି ଏଠି ପାର୍କିଂ ହୋଇଥାନ୍ତା। ଫଳରେ ରାସ୍ତାରେ ଆଉ ସମସ୍ୟା ହୋଇନଥାନ୍ତି। ମାତ୍ର ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପ୍ରସ୍ତାବିତ ଯୋଜନାଟି ଦୀର୍ଘ ଦିନ ହେବ ଶୀତଳଭଣ୍ଡାରରେ ପଡ଼ିଛି। କେବଳ ବେଆଇନ ପାର୍କିଂ ନହେଁ ବରଂ ରାସ୍ତାରେ ନିର୍ମାଣ ସାମଗ୍ରୀ ଗଦା କରିବା ଫଳରେ ମଧ୍ୟ ସମସ୍ୟା ଦେଖା ଦେଉଛି। ଏନେଇ ପୁଲିସ୍ ଓ ପ୍ରଶାସନିକ ଅଧିକାରୀଙ୍କୁ କ୍ଷମତା ବି ଦିଆଯାଇଛି ଏଭଳି ବିଶୃଙ୍ଖଳିତ ଆଚରଣ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ। ମାତ୍ର ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ପାଇଁ କୁଣ୍ଠକୁଣ୍ଠ ହେଉଥିବା ଅଭିଯୋଗ ହେଉଛି। ଏଭଳି ଅବସ୍ଥା ପରେ ସମ୍ବଲପୁରରେ ପ୍ରଶାସନିକ ବ୍ୟବସ୍ଥା ହିଁ ନାହିଁ କହିଲେ ଚଳେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷ ଭାବରେ ପର୍ଯ୍ୟଟକମାନେ ଏପରି ସ୍ଥିତିରେ ହଇରାଣ ନ ହୁଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

ସକାଳ
THE SAKALA



# କଂସ ବଧ ସହ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ମଥୁରା ନଗରୀ, ୩।୧(ସମିସ)**

ଦୀର୍ଘ ଏଗାର ଦିନ ଧନୁଯାତ୍ରାର ଶନିବାର ଅନ୍ତିମ ଦିବସ ଥିଲା। ମହାରାଜ କଂସ ଉଦ୍‌ବିଗ୍ନ। ଆଶା ଆଉ ଭିତରେ ଆଶଙ୍କା ସମୟ ବିତିଛି। ବଡ ବଡ ଯୋଦ୍ଧା ବୀର ମାନଙ୍କୁ ହତ୍ୟାକରିଥିବା ସେଇ ଦୁଇ ବାଳକ ଆଉ ଅଳ୍ପ ସମୟପରେ ରାଜମହଲରେ ପହଞ୍ଚି ଯିବେ। ହାତ ପାହାନ୍ତାରେ ପାଇ ସେମାନଙ୍କୁ ସେ ନିଶ୍ଚୟ ହତ୍ୟା କରିବେ। ଧନୁଯାତ୍ରା ଦେଖାଇବା ଛଳରେ କପଟ କରି ଡାକିଛନ୍ତି ଯେତେବେଳେ ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ସେ ସମସ୍ତଙ୍କୁ ସତର୍କ କରାଇ ଦେଇଛନ୍ତି। ସବୁଠି କଡା ପ୍ରହରା। ପ୍ରସ୍ତୁତ ଅଛନ୍ତି ଅଷ୍ଟମଲ୍ଲଙ୍କ ଭଳି ଯୋଦ୍ଧା ଓ କୁବଳୟା ହସ୍ତୀ। ଏଥର ନିସ୍ତାର ନାହିଁ ସେ ଗୋପାଳ ବେନି ଭାଇଙ୍କର। କୁଆଡେ ଯିବେ ସେମାନେ। ମୃତ୍ୟୁ ତ ସୁନିଶ୍ଚିତ। କେତେବେଳେ ଏ ସବୁ ଚିନ୍ତା କରି ମହାରାଜ କଂସ ପ୍ରସନ୍ନ ହୋଇଯାଆନ୍ତି ତ ପୁଣି କେତେବେଳେ ଆତଙ୍କ ଓ ଭୟରେ ଥରି ଉଠନ୍ତି। ତଥାପି ଅଟ୍ଟହାସ୍ୟ କରି ସବୁପ୍ରକାର ଭୟକୁ ସେ ମନରୁ ଦୂରେଇ ଦିଅନ୍ତି। ଅଷ୍ଟମଲ୍ଲ, କୁବଳୟା ହସ୍ତୀ ଯଦି ବି ପରାଜିତ ହୁଅନ୍ତି ସେ ନିଜେ ତ ଅଛନ୍ତି। ବୀରାଧି ବୀର ପ୍ରବଳ ପ୍ରତାପୀ କଂସାସୁର ସିଏ। ଯାହାଙ୍କ ନାଆଁ ଶୁଣିଲେ ପ୍ରକମ୍ପିତ ହୁଏ ବସୁଧା, ଦେବତାଙ୍କ ଆସନ ହୁଏ ଥରହର ହୁଏ ତାଙ୍କୁ କ'ଣ ଏଇ ସାମାନ୍ୟ ଦୁଇ ଶିଶୁ ବଳିଯିବେ। ସେ ନିଶ୍ଚୟ ଏ ଦୁଇ ଶିଶୁଙ୍କୁ ହତ୍ୟା କରିବେ। ଦୈବୀବାଣୀକୁ ଭୁଲ ପ୍ରମାଣିତ କରି ସେ ନିଷ୍କଣ୍ଟକ ଜୀବନ ଜିଇଁବେ। ସେ ହେବେ ଅମର, ଅଜର ଓ ସମଗ୍ର ପୃଥିବୀର ମାଲିକ। ଏଇଭଳି ଭାବନା ରାଜ୍ୟରେ ରାଜମହଲ ଭିତରେ ହଜିଯାଇ ଥିବାବେଳେ ମଥୁରା କଟକ ଭ୍ରମଣ ସାରି ଧନୁଯାତ୍ରା ଦର୍ଶନ ସକାଶେ ଆସି ପହଞ୍ଚି ଯାଆନ୍ତି ବେନିଭାଇ କୃଷ୍ଣ ବଳରାମ। କି ଅପୂର୍ବ କାନ୍ତି। ଅପରୂପ ରୂପ ଲାବଣ୍ୟ। ଉଜ୍ଜ୍ୱଳ ମୁଖ ମଣ୍ଡଳ। ବେଶଭୂଷାରେ ସେ ଯେମିତି ସାରା ଜଗତକୁ ମୋହି ନେଉଛନ୍ତି। ତାଙ୍କର ଆସିବା ଦେଖି ଧାଇଁ ଆସିଲା କୁବଳୟା ହସ୍ତୀ। ଶତସିଂହର ବଳ ନେଇ ବେନି ଭାଇଙ୍କ ସହ ଯୁଦ୍ଧ କରିବା ସମୟରେ ସେମାନଙ୍କ ହାତରେ ନିହତ ହେଲା। ତାପରେ ଅଷ୍ଟମଲ୍ଲଙ୍କ ସହିତ ଯୁଦ୍ଧ ହୋଇଛି। ନିମିଷକ ମଧ୍ୟରେ ଧରାଶାୟୀ ହୁଅନ୍ତି ଅଷ୍ଟମଲ୍ଲ। ତା' ପରେ ଧନୁଭଙ୍ଗ ଓ ମଞ୍ଚରେ ଚାଲେ ଘମାଘୋଟ ଲଢ଼େଇ। କୃଷ୍ଣ, ବଳରାମଙ୍କ ସହ ମହାରାଜ କଂସ। ସାମାନ୍ୟ ଦୁଗ୍ଧ ପୋଷ୍ୟ ଶିଶୁ ବୋଲି ସେ ଯାହାକୁ ମନେ କରୁଥିଲେ ଏବେ ସେଇ ମାନଙ୍କ ହାତରେ ହିଁ ତାଙ୍କର ମୃତ୍ୟୁ। ଦଇବ ଲିଖନ କେ କରିବ ଆନ। ଯାହାଙ୍କୁ ମାରିବା ପାଇଁ ଏତେ ଆୟୋଜନ ଏତେ କୂଟକପଟ, ହେଲେ ସବୁକିଛି ଓଲଟ ପାଲଟ ହୋଇଗଲା। ମାରିବାକୁ ଯାଉ ଯାଉ ନିଜେ ସେ ମରିଗଲେ। ଚାରିଆଡେ ଖେଳିଗଲା ଆନନ୍ଦର ଲହରୀ। ଉତ୍ସବର ବାଣ ଶବ୍ଦରେ କମ୍ପି ଉଠିଲା ମଥୁରାନଗରୀ। ମଥୁରା ସହ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ କଂସଙ୍କ ଦୌରାତ୍ମ୍ୟରୁ ମୁକ୍ତ ହେଲା। କଂସ ମହାରାଜଙ୍କ ମୃତ୍ୟୁ ପରେ ହଜାର ହଜାର ନରନାରୀଙ୍କ କଣ୍ଠରୁ ନିସୃତ ହେଲା - "କଂସ ରାଜାର ବଂଶ ବୁଡୁ, କଂସ ମଲେ ଖାଏମା ଲଡୁ।" କଂସାସୁରଙ୍କ ମୃତ୍ୟୁରେ ଅସ୍ତି ଓ ପ୍ରାପ୍ତିଙ୍କ କାନ୍ଦଣା ଚାଲିଥିବା ସମୟରେ ଉପସ୍ଥିତ ନଗରବାସୀଙ୍କ ମଧ୍ୟରେ ଲଡୁ ବଣ୍ଟାଯାଇଛି। କୃଷ୍ଣ ଓ ବଳରାମ, ଉଗ୍ରସେନଙ୍କ ରାଜ୍ୟାଭିଷେକ କରି ମଥୁରାରେ ଶାନ୍ତି ପ୍ରତିଷ୍ଠା କରନ୍ତି, ମୁକ୍ତ କରନ୍ତି ଦେବକୀ ବସୁଦେବଙ୍କୁ ଓ ତା' ସହିତ ଦୀର୍ଘ ୧୧ ଦିନର ଲୋକ ନାଟକର ପରିସମାପ୍ତି ଘଟିଛି।

## ଏଗାର ଦିନ ଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ

## ମଥୁରା ପୁର ଏବେ କୃଷ୍ଣମୟ

















## ସତ୍ୟ, ଧର୍ମ ଓ ନ୍ୟାୟର ଜୟ ବାର୍ତ୍ତା ଦେଇ ବିଦାୟ ନେଲା ଧନୁଯାତ୍ରା

**ମଥୁରା ନଗରୀ, ୩।୧(ସମିସ):** ସତ୍ୟ, ଧର୍ମ ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଭଗବାନ ଯେ ଯୁଗେ ଯୁଗେ ଜନ୍ମ ନେଇ ଧରାରୁ ପାପଭାର ମୁକ୍ତ କରନ୍ତି ଏଇ ବାର୍ତ୍ତା ଦେଇ ଉଦ୍‌ଯାପିତ ବରଗଡ଼ ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଛି। ମାତ୍ର କଂସତ୍ୱ ଅମର। ଏହାର ଅନ୍ତ ନାହିଁ। ଭଲ ସହିତ ମନ୍ଦ ପରି କୃଷ୍ଣତ୍ୱ ସହିତ କଂସତ୍ୱ ମଧ୍ୟ ରହିବ। ସତ୍ୟ, ମିଥ୍ୟା, ଭଲ, ମନ୍ଦ ଏପରି ପରସ୍ପର ବିରୋଧୀ ତନ୍ତ୍ର ନ ଥିଲେ ସାର ଅସାରର ଭେଦ ଜାଣିହୁଏ ନାହିଁ। କଂସ ଚରିତ ବିନା କୃଷ୍ଣଙ୍କର ମହିମା ବର୍ଣ୍ଣନା କରିବା ଅସମ୍ଭବ। ଅନ୍ତିମ ଦିବସରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିଜର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦୀର୍ଘ ଏକ ମାସ ହେବ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ବହୁ ଅଧିକାରୀ ନିଜ ନିଜ ଦାୟିତ୍ୱ ନିର୍ବାହ ପାଇ ଲାଗିପଡ଼ିଥିଲେ। ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ମଧ୍ୟ ପୁଲିସ ବିଭାଗ ବିଭାଗର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପୁଲିସ ମାନଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ଲକ୍ଷ ଲକ୍ଷ ଜନସାଧାରଣ ଦୀର୍ଘ ୧୧ ଦିନ ଧରି ନିଶ୍ଚିନ୍ତ ହୋଇ ଧନୁଯାତ୍ରାକୁ ଉପଭୋଗ କରିପାରିଥିଲେ ବୋଲି କହିଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ରଙ୍ଗ ମହଲ କମିଟି ଆବାହକ ଅକ୍ରୁର ମଲ୍ଲିକ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ରାଜେଶ୍ ଶତପଥୀ, ଗୋପାଳ କୃଷ୍ଣ ଦାଶ, ଅଶୋକ ବେହେରା, ଦେବାନନ ସାହୁ, ସଂକଳ୍ପ ଷଡଙ୍ଗୀ, ତପସ୍ୱିନୀ ଗୁରୁ, ମମତା ଅଗ୍ରୱାଲ, ମାନସ ଚାନ୍ଦ ପ୍ରମୁଖ ବ୍ୟକ୍ତି ନିଜର ବହୁ ମୂଲ୍ୟ ସମୟ ଦେଇ ୭୮ ତମ ଧନୁଯାତ୍ରା ମହୋତ୍ସବକୁ ସଫଳ କରିଥିଲେ।





















